# Akashvani, Sambalpur

## SAMBALPURI NEWS EVENING BULLETIN

## 6 June 2026-7.02- 7.12 pm.

---

୧- ସମ୍ବଲ୍‌ପୁର୍ ନ ଫିଫା ମାନର ୩ ଟା ଫୁଟ୍‌ବଲ୍ ପଡ଼ିଆ ତିଆର୍ ହେବା -କହେଲେ ମୁଖ୍ୟମନ୍ତ୍ରୀ ।

- ଦିନ୍‌କିଆ ଗସ୍ତଥି ସମ୍ବଲ୍‌ପୁର୍ ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଦଉଛନ୍ ଯୋଗ୍ ।

୨- ରାଏଜେ ସମନ୍ୱୟ ଆଉ ସହଭାଗିତାଥି କ୍ରୀଡ଼ାର୍ ଭବିଷ୍ୟତ୍ ଉନ୍ନତ୍ ହେଇପାର୍‌ବା- କହେଲେ ରାଜ୍ୟପାଲ୍ ।

୩- ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର୍ ମୁକାବିଲା କରିକରି ଶୂନ୍ୟ ଜୀବନ୍‌ହାନୀ ଲକ୍ଷ୍ୟ ହାସଲ୍ କରିଛେ- କହେଲେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିଜ୍‌ଲି ମାରିକରି ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ରର୍ ସତର୍କ ସୂଚ୍‌ନା ।

ମୁଖ୍ୟମନ୍ତ୍ରୀ- ସମ୍ବଲ୍‌ପୁର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଫିଫା ମାନର ୩ ଟା ଫୁଟ୍‌ବଲ୍ ପଡ଼ିଆ ତିଆର୍ ହେବା । ସମ୍ବଲ୍‌ପୁର୍ ଆଉ ପଶ୍ଚିମ ଓଡ଼ିଶାର ମାନଚିତ୍ରଥି ନୂଆଁ ଅଧ୍ୟାୟ ଜୁଡ଼ି ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ମୁଖ୍ୟମନ୍ତ୍ରୀ ସମ୍ବଲ୍‌ପୁର୍ ଫୁଟ୍‌ବଲ୍ ଏକାଡେମୀ ପରିସର୍ ନ ଆଏଜ୍ ଘାସ୍ ବିହନ୍ ବୁନିକରି ଉନ୍ନତିକରଣ୍‌ର ଶୁଭ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ବର୍ଷା ହେଲେ ଭିଲ୍ ଇଠାନେ ଫୁଟ୍‌ବଲ୍ ଖେଲାଯାଇପାର୍‌ବା ଆଉ ସେ ଧରଣ୍‌ର ପଡ଼ିଆ ତିଆର୍ ହେବା । ଇଠାନେ ଅନେକ ଖେଲାଲି ତାଲିମ୍ ନେବାର୍ ସହେତେ ଜାତୀୟସ୍ତର୍‌ର ନାଁ କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବି ନାଏକ୍, ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ ଆଉ କିଛି ସମିଆ ଉତ୍ରୁ ଗଙ୍ଗାଧର୍ ମଣ୍ଡପ୍ ନ ଚାଲିଥିବା ଜାତୀୟସ୍ତରର୍ କବାଡ଼ି ପ୍ରତିଯୋଗିତାଥି ଯୋଗ୍ ଦେବେ ।

ଚିନ୍ତନ ଶିବିର        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ସମନ୍ୱୟ ଆଉ ସହଭାଗିତାଥି କ୍ରୀଡ଼ାର୍ ଭବିଷ୍ୟତ୍ ଉନ୍ନତ୍ ହେଇପାର୍‌ବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ହେଇଥିବା ୨ ଦିନିଆ ଚିନ୍ତନ୍ ଶିବିର୍-୨୦୨୬ କେ ଉଦ୍‌ଘାଟନ୍ କରିକରି ରାଜ୍ୟପାଲ୍ କହିଛନ୍, କ୍ରୀଡ଼ା କ୍ଷେତ୍ର ନ ଓଡ଼ିଶାର୍ ସଫଲତା ଦେଶ୍ ଆଉ ବିଦେଶ୍ ନ ପ୍ରଶଂସା ପାଉଛେ । ବିଶ୍ୱସ୍ତରୀୟ ଭିତିଭୂମି ନିର୍ମାଣ୍, ତୃଣମୂଳ ସ୍ତର୍ ନ ପ୍ରତିଭା ଖୁଜ୍‌ବାର୍ ଆଉ ଜାତୀୟ, ଅନ୍ତର୍ଜାତୀୟସ୍ତରୀୟ  କ୍ରୀଡ଼ା ମହାକୁମ୍ଭ ଆୟୋଜନ୍ କରିକରି ରାଜ୍ୟ ଗୁଟେ ଆଗୁଆ କ୍ରୀଡ଼ାସ୍ଥଲ୍ ଭାବେ ନିଜ୍‌କେ ପରିଚିତ କରିପାରିଛେ । ଚିରାଚରିତ ପ୍ରଥାନୁ ବାହାରିକରି ଅଭିଜ୍ଞତାର୍ ଶିକ୍ଷା ଗ୍ରହଣ୍ କଲେ ନବସୃଜନ୍‌ର ଉଭାବନ୍ ଆଉ କ୍ରୀଡ଼ା କ୍ଷେତ୍ର ନ ବୈପ୍ଳବିକ୍ ପରିବର୍ତ୍ତନ୍ ସମ୍ଭବ୍‌ପର ହେବା । ଇ ଚିନ୍ତନ୍

ଶିବିର୍ ତୃଣମୂଳସ୍ତର୍ ନ କ୍ରୀଡ଼ା ପ୍ରତିଭା ମାନ୍‌କୁ ଚିହ୍ନଟ୍, ଆଧୁନିକ୍ ତାଲିମ୍ ଦେବାର୍ ଆଉ ଯୁବପିଢ଼ିଙ୍କୁ ରାଷ୍ଟ୍ରଗଠନ୍ କାମ୍‌ଥି ସାମିଲ୍ କର୍‌ବାର୍ ଲାଗି ଦୀର୍ଘକାଳୀନ୍ କାର୍ଯ୍ୟଖସଡ଼ା ତିଆରିଥି ସାହାଜ୍ କର୍‌ବା ବଲି ରାଜ୍ୟପାଲ୍ ଆଶା କରିଛନ୍ ।

କାର୍ଯ୍ୟକ୍ରମ୍‌ଥି କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱଥି ଓଡ଼ିଶାକେ ଦେଶର୍ କ୍ରୀଡ଼ା କ୍ଷେତ୍ର ହିସାବେ ଗଢ଼୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ।

ଦେଶ୍ ଗୁଟେ ବୈଶ୍ୱିକ୍ କ୍ରୀଡ଼ା ମହାଶକ୍ତି ଦିଗ୍‌କେ ଅଗ୍ରସର୍ ହେଉଛେ । ଇ ଲକ୍ଷ୍ୟ ସଠିକ୍ ଖେଲ୍ ସଂସ୍କୃତିର୍ ପ୍ରସାର୍‌ଥି ସହଯୋଗ୍ କରିପାର୍‌ବା । ଓଡ଼ିଶାର୍ ବାସ୍ତବ୍ ପ୍ରତିଭା, ଗ୍ରାମାଂଚଲ୍ ନ ରହିଥିସନ୍ । ପଡ଼ିଆ ନୁ ପୋଡ଼ିୟମ୍ ତକ୍ ଦୂରତା କମାବାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ଗ୍ରହଣ୍ କରୁଛନ୍ ବଲି ଶ୍ରୀ ସୂରଜ୍ କହିଛନ୍ ।

(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ଶିବିର୍‌ଥି ସର୍‌କାର୍ ଆଉ ବିଭାଗ୍‌ର କାର୍ଯ୍ୟପନ୍ଥା ବାବଦ୍ ମାନସ୍ ମନ୍ଥନ ଉପ୍‌ରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଉଛେ ।

ବ୍ରିକ୍ସ- ସାମ୍ବାଦିକ୍ ସମ୍ମିଳନୀ          ଆଇ.ଆଣ୍ଡ୍.ପି.ଆର୍

ପ୍ରାକୃତିକ ବିପର୍ଯ୍ୟୟର୍ ମୁକାବିଲା କରିକରି ଓଡ଼ିଶା ଶୂନ୍ୟ ଜୀବନ୍‌ହାନୀ ଲକ୍ଷ୍ୟ ହାସଲ୍ କରିଛେ ବଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମୁଖ୍ୟ କୃଷ୍ଣ ସ୍ୱରୂପ୍ ବସ୍ମ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏନ୍.ଡି.ଏମ୍.ଏ. ଆଉ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ- ଓ.ଏସ୍.ଡି.ଏମ୍.ଏ. ତର୍‌ଫୁ ହେଇଥିବା ସାମ୍ବାଦିକ୍ ସମ୍ମିଳନୀଥି ଯୋଗ୍ ଦେଇକରି ଶ୍ରୀ ବସ୍ମ କହିଛନ୍, ବ୍ରିକ୍ସ ବୈଠକ୍‌ଥି ଜଳବାୟୁ ପରିବର୍ତ୍ତନ୍‌ର ମୁକାବିଲା, ଉନ୍ନତ୍‌ମାନର୍ ଜ୍ଞାନ୍‌କୌଶଳ୍‌ର ବେଭାର୍ ଆର୍ ତୃଣମୂଳସ୍ତର୍‌ନୁ କାର୍ଯ୍ୟଦକ୍ଷତା ବଢ଼ାବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇ କାର୍ଯ୍ୟକ୍ରମ୍ ରାଜ୍ୟର୍ ସମୃଦ୍ଧ ସାଂସ୍କୃତିକ୍ ଐତିହ୍ୟ ଆଉ ପର୍ଯ୍ୟଟନ୍ ସମ୍ଭାବନାକେ ଲୁକ୍‌କର୍ ନଜର୍‌କେ ଆନିଛେ । ଇ ବଛର୍ ଓଡ଼ିଶା ଆଉ ସାରାଦେଶେ ଏଲ୍‌ନିନୋର୍ ପ୍ରଭାବ୍ କମ୍ ରହେବା ବଲି ଶ୍ରୀ ବସ୍ମ କହିଛନ୍ ।

(ଭଏସ୍ ଓଭର୍- କଷ୍ଟସ୍ୱରୂପ୍ ବସ୍ତ)

ରାଜସ୍ୱମନ୍ତ୍ରୀ ସୁରେଶ୍ ପୂଜାରୀ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ୨ ନମ୍ବର୍ ବୈଷୟିକ୍ ବୈଠକ୍‌ର ସଫଳତା ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଥିଲେ ।

ବ୍ରିକ୍ସ ସମ୍ମିଳନୀଥି ଖାସ୍ କରି ୬ ଟା ବିଷୟବସ୍ତୁ ଉପ୍‌ରେ ଆଲୋଚନା କରାଯାଇଥିଲା ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ୍ ପ୍ରଭାକର୍ ପାଟିଲ୍ କହିଛନ୍ । ଓଡ଼ିଶା ଗଲା ୧୦ ବଛର୍ ଭିତ୍‌ରେ ଭିନ୍ ଭିନ୍ ପ୍ରାକୃତିକ୍ ବିପର୍ଯ୍ୟୟର୍ ସଫଲ୍ ମୁକାବିଲା କରିକରି ପୁର୍‌ଥି ନ ପ୍ରଶଂସା ପାଇଛେ । ବିପର୍ଯ୍ୟୟ ବିଷେ ପୂର୍ବାନୁମାନ୍‌କେ ଆହୁରି ସଠିକ୍ କର୍‌ବାର୍ ଉପ୍‌ରେ ପ୍ରାଧାନ୍ୟ ଦିଆଯାଇଥିଲା ବଲି ଶ୍ରୀ ପାଟିଲ୍ କହିଛନ୍ ।

ନାମ ସଂଶୋଧନ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ଆଉ ତହସିଲ୍‌ର ମୂଳ ଓଡ଼ିଆ ନାଁ ସଂଶୋଧନ୍ ଉପ୍‌ରେ ସର୍‌କାର୍ ପଦକ୍ଷେପ୍

ନେଇଛନ୍ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ଅଧୀନଥି ଗଠିତ୍ ବିଶେଷଜ୍ଞ କମିଟିର୍ ୨ ନମ୍ବର୍ ବୈଠକ୍‌ଥି ୫୦ ନୁ ଅଏତ୍‌କା ଜାଗାର୍ ନାଁକେ ସେମାନ୍‌କର୍ ମୂଳ ଓଡ଼ିଆ ଉଚ୍ଚାରଣ୍ ଆଉ ଐତିହାସିକ୍ ପରିଚୟ ଅନ୍‌ସାରେ ପରିବର୍ତନ୍ କର୍‌ବାର୍‌କେ ସୁପାରିଶ୍ କରାଯାଇଛେ । କମିଟିର୍ ସୁପାରିଶ୍ ଅନ୍‌ସାରେ କଲାହାଣ୍ଡି ଜିଲ୍ଲାର୍ ଜୁନାଗଡ଼ା, କନ୍ଧମାଲ୍ ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ବଣାଇଗଡ଼ା ଭାବେ ନାମକରଣ କର୍‌ବାର୍‌କେ ପ୍ରସ୍ତାବ୍ ରହିଛେ ।

ଏଗ୍ରିପିଭି କର୍ମଶାଳା        ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ଆଏଜ୍ ନୀତି ନିର୍ଦ୍ଧାରକ୍ ଶକ୍ତି ବିଶେଷଜ୍ଞ ବିକାଶ୍‌କାରୀ ଆଉ କୃଷି କ୍ଷେତ୍ରର୍ ପ୍ରତିନିଧି ମାନ୍‌କୁ ନେଇକରି ଓଡ଼ିଶାର୍ ଜଲ୍‌ବାୟୁ - ସହନଶୀଳ ଅଭିବୃଦ୍ଧି ଲାଗି ଏଗ୍ରିପିଭି ର ସମ୍ପ୍ରସାରଣ୍ ଶୀର୍ଷକ୍ ଗୁଟେ ଉଚ୍ଚାଦର୍‌ଜାର୍ କର୍ମଶାଳା ଆଏଜ୍ ଅନୁଷ୍ଠିତ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ଏଗ୍ରିପିଭି ଓଡ଼ିଶାର୍ ସ୍ୱଚ୍ଛ

ଶକ୍ତି ଲକ୍ଷ୍ୟକେ ଆଗ୍‌କେ ବଢ଼ାବାର୍ ସହେତେ ଚାଷୀମାନ୍‌କର୍ ଆୟ ବଢ଼େଇପାର୍‌ବା । କର୍ମଶାଳାଥି ରାଏଜେ କୃଷି ଆଉ ଶକ୍ତିକ୍ଷେତ୍ରର୍ ମିଳିତ ଅଭିବୃଦ୍ଧି ବିଷେ ଆଲୋଚନା କରାଯାଇଛେ ।

ଆକାଶ୍‌ବାଣୀ -୯୦ ବଛର୍ ପୂର୍ତି କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଆକାଶ୍‌ବାଣୀର୍ ୯୦ ବଛର୍ ପୂର୍ତି ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ପଦଯାତ୍ରା କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ସିଆର୍‌ପିଏଫ୍ କମାଣ୍ଡାଂଟ୍ ଯୋଗ୍ ଦେଇକରି କହିଛନ୍, ସୂଚନା ଆଉ ପ୍ରସାରଣ୍ କ୍ଷେତ୍ରଥି ଆକାଶ୍‌ବାଣୀର ଗୁଟେ ଖାସ୍ ପରିଚୟ ରହିଛେ । ସ୍ୱାସ୍ଥ୍ୟ ସଚେତନତା ସହେତେ ଦୂରିଆ ଇଲାକା ନ ରହୁଥିବା ଲୋକ୍‌ମାନ୍‌କୁ ନିରନ୍ତର୍ ସେବା ଯୁଗାବାର୍‌ଥି ଆକାଶ୍‌ବାଣୀର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଏସ୍‌ଆଇଆର ବରଗଡ଼୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍‌ଆଇଆର୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଚାଲିଥିବା ସଚେତନତା ଅଭିଯାନ୍‌ଥି ମାସ୍‌କଟ୍- ସୁଗନ୍ଧା ଆଉ ନିର୍ମଲ୍ ଲୁକ୍‌କୁ ଆକୃଷ୍ଟ କରିଛେ । ସମ୍ବଲ୍‌ପୁରୀ ପାରମ୍ପାରିକ୍ ପୋଷାକ୍‌ଥି ସଜାଯାଇଥିବା ଇ ଦୁହି ମାସ୍‌କଟ୍ ଯୁବ ଭୋଟର୍ ମାନ୍‌କୁ ଭୋଟର୍ ତାଲିକାର୍ ଗୁରୁତ୍ୱ ବାବ୍‌ଦେ ସଚେତନ୍ କର୍‌ବାର୍ ସହେତେ  ନିର୍ଭୁଲ୍ ଭୋଟର୍ ତାଲିକା ତିଆରି ଲାଗି ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କୁ ସହଯୋଗ୍ କର୍‌ବାର୍‌କେ ଆହ୍ୱାନ୍ କରୁଛନ୍ ।

ଦେବ୍‌ଗଡ୍ ପ୍ରସ୍ତୁତି ବୈଠକ୍      ଦେବ୍‌ଗଡ୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ଦେବ୍‌ଗଡ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧକ୍ଷତାଥି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ପଦକ୍ଷେପ୍ ଆଉ ଯୋଜନା ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ଆଏବା ୧୨ ନୁ ୨୦ ତାରିଖ୍‌ତକ୍ ଜିଲ୍ଲା, ବ୍ଲକ୍, ପଂଚାୟତ୍ ମାନ୍‌କେ ସାଧାରଣ ସଭା,

ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ପ୍ରଦର୍ଶନୀ, ଗୋଷ୍ଠୀଗତ ଆଲୋଚନାଚକ୍ର ଆୟୋଜନ୍ କରାଯିବା ।

ସିଏମ୍ ଟ୍ରଫି ଆର୍‌ଏନ୍‌ୟୁ/ କଟକ୍

କଟକ୍‌ର ଜବାହର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଠାନେ ମୁଖ୍ୟମନ୍ତ୍ରୀ ଟ୍ରଫି - ୨ .୦ କେ ସାଂସଦ୍ ଭର୍ତୃହରି ମହତାବ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଜୋନ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା ୨୦୨୬ର ପହେଲା ସଂସ୍କରଣ୍ ଆଏଜ୍ ମୁଲ୍ ହେଇଛେ । ପ୍ରତିଯୋଗିତାଥି ୮ ଟା ଜିଲ୍ଲାର୍ ପ୍ରତିଯୋଗୀମାନେ ଅଂଶଗ୍ରହଣ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍‌ଫୁ ତୃଣମୂଳସ୍ତର୍ ନ କ୍ରୀଡ଼ା ପ୍ରତିଭାର୍ ବିକାଶ୍ ଆଉ ଅନ୍ୱେଷଣ୍ ଲକ୍ଷ୍ୟଥି ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଆୟୋଜିତ୍ ହେଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବିଜ୍‌ଲି ମାରିକରି ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ ବଲି ୨୩ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ରାଜ୍ୟର୍ ସମୁଦ୍ର ଖଁଡ଼ି ଇଲାକା ନ ଜବର୍ ଗରମ୍ ହେଉଛେ । ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ଆସ୍‌ବାର୍‌ତକ୍ ଗୁଳଗୁଳି ଲାଗି ରହେବା । ଆଏବା ୩ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।